# NATIONAL NEWS BULLETIN (ODIA)

**19 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଓସ୍ଲୋରେ ଆଜି ହେବାକୁ ଥିବା ତୃତୀୟ ଭାରତ-ନର୍ଡିକ୍ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ଜଗଦଳପୁରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଜାରି ରହିଛି କେନ୍ଦ୍ରୀୟ ଜୋନାଲ ପରିଷଦ ବୈଠକ ।

- ପେଟ୍ରୋଲ ଓ ଡିଜେଲ ଦର ଲିଟର ପ୍ରତି ୯୦ ପଇସା ବୃଦ୍ଧି ।

- ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗଙ୍କୁ ସାକ୍ଷାତ୍ କରିବା ପାଇଁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନଙ୍କ ଚୀନ୍ ଗସ୍ତ ।

\- ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ହେବ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ରାଜସ୍ଥାନ ରୟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

---

## ଇଣ୍ଡିଆ ନର୍ଡିକ ସମିତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନରୱେର ରାଜଧାନୀ ଓସ୍ଲୋରେ ହେବାକୁ ଥିବା ତୃତୀୟ ଭାରତ-ନର୍ଡିକ୍ ସମ୍ମିଳନୀରେ ଯୋଗଦେବେ । ପ୍ରଯୁକ୍ତି ବିଦ୍ୟା, ନବୀକରଣୀୟ ଶକ୍ତି, ପ୍ରତିରକ୍ଷା, ସ୍ଥିରତା

ଏବଂ ବାଣିଜ୍ୟ ଭଳି କ୍ଷେତ୍ରରେ ନର୍ଡିକ୍ ରାଷ୍ଟ୍ର ଗୁଡ଼ିକ ସହିତ ଭାରତର ରଣନୈତିକ ସହଭାଗିତାକୁ ସୁଦୃଢ଼ କରିବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି ।

ଏହି ସମ୍ମିଳନୀରେ ଭାରତ ସମେତ ୫ ନର୍ଡିକ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ଯୋଗ ଦେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀ ଅବସରରେ ନର୍ଡିକ୍ ସଦସ୍ୟ ରାଷ୍ଟ୍ର ଡେନମାର୍କ, ଆଇସ୍‌ଲ୍ୟାଣ୍ଡ ଏବଂ ଫିନ୍‌ଲାଣ୍ଡର ପ୍ରଧାନମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ।

## ପିଏମ୍-ସ୍ୱିଡେଶୀ ଆର୍ଟିକିଲ

ବିଶ୍ୱରେ ଦେଖାଦେଇଥିବା ଅନିଶ୍ଚିତତା ସମୟରେ ପରସ୍ପର ମଧ୍ୟରେ ସହଯୋଗ, ସହଭାଗି ସମୃଦ୍ଧି ଏବଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ମାର୍ଗପ୍ରସ୍ତୁତ କରିବା ଉପରେ ଭାରତ ଏବଂ ସ୍ୱିଡେନ ଗୁରୁତ୍ୱ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱିଡେନ ପ୍ରଧାନମନ୍ତ୍ରୀ ଉଲ୍‌ଫ କ୍ଲିଷ୍ଟରସନଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧରେ ଉଲ୍ଲେଖ କରାଯାଇଛି ଯେ ବିଶ୍ୱରେ ବୃଦ୍ଧି ପାଉଥିବା ଭୂ-ରାଜନୈତିକ ଅନିଶ୍ଚିତତା, ଶକ୍ତି ସଙ୍କଟ ଏବଂ ଅର୍ଥନୈତିକ ବିଭାଜନ ସମୟରେ ସଂକୀର୍ଣ୍ଣ ଜାତୀୟ ଆଭିମୁଖ୍ୟକୁ ଦୂରେଇ ରହି ସହଭାଗୀ ସମୃଦ୍ଧିକୁ ମଜଭୁତ କରିବାର ଆବଶ୍ୟକତା ଦେଖାଦେଇଛି । ଏକ ଜାତୀୟ ଦୈନିକ ସମ୍ବାଦପତ୍ରରେ ଆଜି ପ୍ରକାଶିତ ଏହି ଆଲେଖ୍ୟରେ ଉଭୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ମିଳିତ ଜାତିସଂଘ ଏହାର ୮୦ତମ ବାର୍ଷିକୀ ପାଳନ କରୁଥିବାବେଳେ ଅନ୍ତର୍ଜାତୀୟ

ସହଯୋଗ ଏବଂ ବହୁ ପକ୍ଷୀୟ ମୂଲ୍ୟ ଅଧିକ ସ୍ପଷ୍ଟ ହୋଇଛି । ଏଥିସହିତ ସମସାମୟିକ ବାସ୍ତବତାକୁ ରୂପାୟନ କରିବା ପାଇଁ ବୈଶ୍ୱିକ ଶାସନ ସଂସ୍ଥା ଗୁଡ଼ିକରେ ସଂସ୍କାର ଆଣିବାର ଆବଶ୍ୟକତାକୁ ଅଣଦେଖା କରାଯାଇ ପାରିବ ନାହିଁ ବୋଲି ଉଭୟନେତା ଗୁରୁତ୍ୱାରୋପ କରିଛନ୍ତି ।

ଅନ୍ତର୍ଜାତୀୟ ଆଇନ୍ ଏବଂ ସାର୍ବଭୌମ ସମାନତା ଭିତ୍ତିରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ବ୍ୟବସ୍ଥା ଦଶନ୍ଧି ଦଶନ୍ଧି ଧରି ବିଶ୍ୱରେ ସ୍ଥିରତା ଏବଂ ବିକାଶ ସୃଷ୍ଟି କରିବାରେ ସାହାଯ୍ୟ କରିଛି ।

୨୦୪୭ ସୁଦ୍ଧା ବିକଶିତ ଦେଶ ମାନ୍ୟତା ଏବଂ ୨୦୭୦ ସୁଦ୍ଧା ଶୂନ୍ୟ ନିର୍ଗମନ ହାସଲ କରିବା ପାଇଁ ଭାରତ ଓ ସ୍ୱିଡେନ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଉପରେ ଗୁରୁତ୍ୱ ଦିଆଯାଇଛି । ଉଭୟ ନେତା ୨୦୩୦ ମସିହା ସୁଦ୍ଧା ଭାରତ-ସ୍ୱିଡେନ ମେଣ୍ଟକୁ ବ୍ୟାପକ ଏବଂ ସମୃଦ୍ଧ କରିବା ଲାଗି ଆହ୍ୱାନ ଦେଇଛନ୍ତି । ଏହି ପ୍ରୟାସରେ ଦୃଢ଼ ନବୋନ୍ମେଷ ପରିବେଶ ଏବଂ ସ୍ୱଚ୍ଛ ପ୍ରଯୁକ୍ତି ନେତୃତ୍ୱ ସହିତ ସକ୍ରିୟ ଯୋଗଦାନ ଲାଗି ନର୍ଡିକ୍ ଅଂଶୀଦାରଙ୍କ ସମେତ ଅଧିକ ଦେଶକୁ ଉଭୟ ନେତା ନିବେଦନ କରିଛନ୍ତି ।

## ଅମିତ ଶାହ-ଛତିଶଗଡ

ଛତିଶଗଡର ଜଗଦଲପୁରଠାରେ କେନ୍ଦ୍ରୀୟ ଜୋନାଲ ପରିଷଦର ଉଚ୍ଚସ୍ତରୀୟ ବୈଠକ ଆରମ୍ଭ ହୋଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଉତ୍ତରପ୍ରଦେଶ,

ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଛତିଶଗଡର ମୁଖ୍ୟମନ୍ତ୍ରୀମାନେ ଏହି ୨୬ତମ କେନ୍ଦ୍ରୀୟ ଜୋନାଲ ପରିଷଦରେ ଯୋଗଦେଇଛନ୍ତି । କେନ୍ଦ୍ର ଗୃହ ସଚିବ ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ୪ ରାଜ୍ୟର ପୁଲିସ ମହାନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ବୈଠକରେ ଉପସ୍ଥିତ ଅଛନ୍ତି ।

# ପେଟ୍ରୋଲ ଦର ବୃଦ୍ଧି

ପେଟ୍ରୋଲ ଓ ଡିଜେଲ ଦର ଆଜି ଲିଟର ପ୍ରତି ୯୦ ପଇସା ବୃଦ୍ଧି ଘଟିଛି । ଚଳିତ ସପ୍ତାହରେ ଏହା ଦ୍ୱିତୀୟ ଦର ବୃଦ୍ଧି । ଏହି ଦର ବୃଦ୍ଧି ପରେ ରାଜଧାନୀ ଦିଲ୍ଲୀରେ ଆଜି ପେଟ୍ରୋଲ ଲିଟର ପିଛା ୯୮ଟଙ୍କା ୬୪ ପଇସା ଏବଂ ଡିଜେଲ ଲିଟର ପିଛା ୯୧ଟଙ୍କା ୫୮ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ୧୦୭ଟଙ୍କା ୫୯ ପଇସା ହୋଇଥିବାବେଳେ ଡିଜେଲ ଲିଟର ପ୍ରତି ୯୪ଟଙ୍କା ୮ ପଇସା ହୋଇଛି । କୋଲକାତାରେ ପେଟ୍ରୋଲ ଲିଟର ପିଛା ୧୦୯ଟଙ୍କା ୭୦ ପଇସା ଏବଂ ଡିଜେଲ ଲିଟର ପିଛା ୯୬ଟଙ୍କା ୭ ପଇସା ହୋଇଥିବାବେଳେ ଚେନ୍ନାଇରେ ଏହି ଦର ଯଥାକ୍ରମେ ୧୦୪ ଟଙ୍କା ୪୯ ପଇସା ଏବଂ ୯୬ଟଙ୍କା ୧୧ ପଇସା ରହିଛି । ୪ ବର୍ଷର ବ୍ୟବଧାନ ପରେ ଚଳିତମାସ ୧୫ ତାରିଖରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୩ଟଙ୍କା ବୃଦ୍ଧି କରାଯାଇଥିଲା । ହର୍ମୁଜ

ପ୍ରଣାଳୀରେ ତୈଳ ପରିବହନରେ ଅବ୍ୟବସ୍ଥା ଏବଂ ଅଶୋଧିତ ତୈଳ ଆମଦାନୀ କ୍ଷେତ୍ରରେ ଦେଖାଦେଇଥିବା ବୈଶ୍ୱିକ ଅସ୍ଥିରତା ଯୋଗୁଁ ଏହି ଦର ବୃଦ୍ଧି ହୋଇଛି ।

## ଶିବରାଜ-କନ୍‌ଫରେନ୍ସ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଆୟୋଜନ ହେଉଛି। କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। କୃଷି କ୍ଷେତ୍ରର ସାମଗ୍ରୀକ ବିକାଶକୁ ପ୍ରୋତ୍ସାହିତ କରିବା, କୃଷକଙ୍କ ଆୟ ବୃଦ୍ଧି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ସମ୍ମିଳନୀରେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, କୃଷକ ପ୍ରତିନିଧି, କୃଷି ବିଶେଷଜ୍ଞ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗଦେଇ ଏ କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିଛନ୍ତି । ସମ୍ମିଳନୀ ପରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଗଣମାଧ୍ୟମକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

# ଆର୍ମି ଚିଫ୍ ଅପରେସନ ସିନ୍ଦୂର

ଅପରେସନ ସିନ୍ଦୂର ସାମରିକ ସଠିକତା, ସୂଚନା ନିୟନ୍ତ୍ରଣ, କୂଟନୈତିକ ସଂକେତ ଏବଂ ଆର୍ଥିକ ସଂକଳ୍ପକୁ ଏକ ସୁ-ସଂଗଠିତ ଜାତୀୟ କାର୍ଯ୍ୟ ଭାବରେ ପ୍ରମାଣିତ କରିଛି ବୋଲି ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି । ଜାତୀୟ ରାଜଧାନୀ ଦିଲ୍ଲୀରେ 'ସୁରକ୍ଷାରୁ ସମୃଦ୍ଧି : ନିରନ୍ତର ଜାତୀୟ ଅଭିବୃଦ୍ଧି ପାଇଁ ସ୍ମାର୍ଟ ପାୱାର ଶୀର୍ଷକ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେନାମୁଖ୍ୟ ଶ୍ରୀ ଦ୍ୱିବେଦୀ କହିଛନ୍ତି, ଅପରେସନ ସିନ୍ଦୂର ଶତ୍ରୁରାଷ୍ଟ୍ରକୁ ଗଭୀର ଭାବରେ ଆଘାତ ଦେବା ସହ ଆତଙ୍କବାଦର ଭିତ୍ତିଭୂମିକୁ ନଷ୍ଟ କରିଦେଇଥିଲା ।

# ରେଲୱେ ଆପ୍ଲୁଭାଲସ

ଜମ୍ମୁ-ଶ୍ରୀମାତା ବୈଷ୍ଣୋଦେବୀ କାତରା ସେକ୍ସନରେ ୨୩୮କୋଟି ଟଙ୍କା ବ୍ୟୟରେ ହେବାକୁଥିବା ପ୍ରକଳ୍ପକୁ ଭାରତୀୟ ରେଳବାଇ ମଞ୍ଜୁରୀ ପ୍ରଦାନ କରିଛି । ଏହି ପ୍ରକଳ୍ପ ଅଧୀନରେ ଟନେଲ ରକ୍ଷଣାବେକ୍ଷଣ, ସେତୁ ସୁରକ୍ଷା ଏବଂ କ୍ରିଟିକାଲ ସ୍ଲୋପ ସ୍ଥାପନ ଆଦି କାର୍ଯ୍ୟ କରାଯିବ । ଏ ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଦେଶର ଅତି ସମ୍ବେଦନଶୀଳ

ଅଞ୍ଚଳରେ ସୁରକ୍ଷିତ ରେଳ ଯୋଗାଯୋଗ ବ୍ୟବସ୍ଥା ଯୋଗାଇ ଦେବାପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି ।

## ରାଜନାଥ-ଭିଏତନାମ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭିଏତ୍‌ନାମ ସହ ପ୍ରତିରକ୍ଷା ସହଯୋଗକୁ ଅଧିକ ସମୃଦ୍ଧ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଭିଏତ୍‌ନାମ ରାଷ୍ଟ୍ରପତି ଟୋ ଲାମ୍‌ଙ୍କ ସହ ତାଙ୍କର ହୋଇଥିବା ଆଲୋଚନା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଏହି ସହଯୋଗ ଦୁଇଦେଶ ମଧ୍ୟରେ ବର୍ଦ୍ଧିତ ବ୍ୟାପକ ରଣନୀତିକ ସହଭାଗିତାର ଏକ ପ୍ରମୁଖ ସ୍ତମ୍ଭ । ଭାରତ ଏବଂ ଭିଏତ୍‌ନାମ ପାରସ୍ପରିକ ବିଶ୍ୱାସ, ସମାନ ମୂଲ୍ୟବୋଧ ଏବଂ ଆଞ୍ଚଳିକ ସ୍ଥିରତା ସ୍ଥାପନ କରିବା ପାଇଁ ଘନିଷ୍ଠ ସହଯୋଗର ମୂଳଦୁଆ ପକାଇଛନ୍ତି । ଉଭୟପକ୍ଷ ଭାରତ-ଭିଏତ୍‌ନାମ ପ୍ରତିରକ୍ଷା ସହଭାଗିତା ବୃଦ୍ଧିର ସମୀକ୍ଷା କରିଥିଲେ ଏବଂ ସାମୁଦ୍ରିକ ସୁରକ୍ଷା, ପ୍ରତିରକ୍ଷା ଶିଳ୍ପ, ତାଲିମ ଓ ଆଞ୍ଚଳିକ ସ୍ଥିରତାରେ ସହଯୋଗକୁ ଆହୁରି ଘନିଷ୍ଠ କରିବା ପାଇଁ ଉପାୟଗୁଡ଼ିକ ଉପରେ ଆଲୋଚନା କରିଥିଲେ ।

**V/O**

ଦୁଇନେତା ମିଳିତଭାବରେ ଭିଏତ୍‌ନାମର ବାୟୁସେନା ଅଧିକାରୀ କଲେଜରେ ପ୍ରତିଷ୍ଠିତ ଭାଷା ପ୍ରୟୋଗଶାଳା ଉଦ୍‌ଘାଟନ କରିଥିଲେ । ଏହି

ଅବସରରେ ଏଆଇ ଏବଂ କ୍ୱାଣ୍ଟମ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

## ପୁତିନ୍-ଚାଇନା ଭିଜିଟ୍

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ' ଚୀନ୍ ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗ୍‌ଙ୍କୁ ସାକ୍ଷାତ କରିବା ପାଇଁ ଚୀନ୍‌ଯାତ୍ରା କରୁଛନ୍ତି । କ୍ରେମ୍‌ଲିନ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଦୁଇନେତା ଆର୍ଥିକ ସହଯୋଗ ଏବଂ ପ୍ରମୁଖ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଚୀନ୍-ରୁଷ୍ ବନ୍ଧୁତ୍ୱ ଚୁକ୍ତିର ୨୫ ବର୍ଷ ପୂରଣ ଅବସରରେ ପୁତିନଙ୍କ ଏହ ଗସ୍ତ ବିଶେଷ ମହତ୍ତ୍ୱ ରଖିଛି । ବିଶ୍ୱରେ ଦେଖାଦେଇଥିବା ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ଚୀନ୍ ଉଭୟ ଆମେରିକା ଓ ରୁଷ୍ ସହିତ ସମ୍ପର୍କର ସନ୍ତୁଳନ ରକ୍ଷା କରିବା ଦିଗରେ ପ୍ରୟାସ କରୁଛି । ୟୁକ୍ରେନ୍ ବିବାଦ ଉପରେ ପାଶ୍ଚାତ୍ୟ ପ୍ରତିବନ୍ଧକ ସତ୍ତ୍ୱେ ଚୀନ୍  ରୁଷ୍‌ର ସବୁଠାରୁ ବଡ ବାଣିଜ୍ୟିକ ଅଂଶୀଦାର ଏବଂ ରୁଷୀୟ ତୈଳ ଓ ଗ୍ୟାସ୍‌ର ପ୍ରମୁଖ କ୍ରେତା ରହିଛି ।

## ଟ୍ରମ୍ପ୍-ଇରାନ୍

କାତାର, ସାଉଦିଆରବ ଏବଂ ସଂଯୁକ୍ତ ଆରବ ଏମିରେଟସ୍‌ର ଶୀର୍ଷ ନେତୃବୃନ୍ଦଙ୍କ ଅନୁରୋଧ କ୍ରମେ ଇରାନ୍ ଉପରେ ସାମରିକ ଆକ୍ରମଣକୁ

ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି । ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲ୍‌ରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଆଜିଠାରୁ ଆରମ୍ଭ ହେବାକୁ ଥିବା ଆକ୍ରମଣକୁ ଏହି ନେତାଙ୍କ ଅନୁରୋଧ କ୍ରମେ ସ୍ଥଗିତ ରଖାଯାଇଛି । ଆମେରିକା ଏବଂ ପଶ୍ଚିମ ଏସିଆ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଗ୍ରହଣୀୟ ଏକ ଚୁକ୍ତି ସ୍ୱାକ୍ଷରିତ ହେବାର ଶ୍ରୀ ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି । ଏଥିପାଇଁ ଆଲୋଚନା ଜାରି ରହିଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ରାଜସ୍ଥାନ ରୟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ ଜୟପୁରଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

ପ୍ଲେଅପ୍‌ରେ ଖେଳିବା ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜୁରାଟ ଟାଇଟନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଯୋଗ୍ୟତା ଅର୍ଜନ କରିଥିବାବେଳେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପ୍ଲେଅପ୍‌ରୁ ବାଦ୍ ପଡିଛନ୍ତି ।